# ବୈଶ୍ରବଣ

ରାବଣ ଦହନ ସତେ
ଅହଂକାର ଅହମିକାଚୟ ଉନ୍ମୂଳନ
ଲଭଇ ସମାଧି ପାପୀ ଅନନ୍ତର
ପରମ ସତ୍ତାରେ

ଅପଚୟ ସଂସ୍କୃତିର ଧ୍ୱଜାଧାରୀ ଯେତେ
ଉଦ୍‌କର୍ଣ୍ଣେ ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରା
ଅହମିକା ଚୟ ଆମ ଅସ୍ଥି ମଜ୍ଜାଗତ
ଭାବନାର ଅନନ୍ତ ତାଣ୍ଡବ ମଧ୍ୟେ
ଦେଖିକି ପାରୁନା ଆମେ ?
ଶିବର ସେ ଉଦ୍‌ବେଳିତ କୋହ
ଅବା ନୃତ୍ୟ ମାଦକତା ଶୈଳୀ
ଅଥବା ଲଗ୍ନିକ ଅଭୀପ୍ସା
ଦେଖୁ ଆମେ ଉଚ୍ଛୃଙ୍ଖଳ ସେ
ଶିବର ଉଲଗ୍ନ ସୌଷ୍ଠବ
ଦୁର୍ଗା ଶିବର ଘରଣୀ
ଅନନ୍ତ ଶାନ୍ତିର ସଦ୍ମ ମୁଖ ପଦ୍ମ ଶୋଭା
ଅହମିକା, ଅପଚୟ, ଅନାଚାର, ଅରାତିର

ଉଚ୍ଛଳନେ ସୃଷ୍ଟ
ଉନ୍ନତ ଅପାଙ୍ଗେ ପୂର୍ଣ୍ଣ ରୂପର ମଦିରା
ନାରୀ ପ୍ରଲୋଭିତ ପ୍ରାଣ ଲଭେ ମୁକ୍ତି
ମହିଷା ସଦୃଶ ହୋଇ ଶୂଳବିଦ୍ଧ
ରାବଣ ହେ ! ତୁମେ କାଳେ ପରମ ବ୍ରାହ୍ମଣ
ପରମ ବୈଷ୍ଣବ, ଶାକ୍ତ ପୁଣି
ଦୁର୍ଗାର ପରମ ଭକ୍ତ

ଏ ଅନନ୍ତ ସୃଜନୀର
ତ୍ରାଣ କର୍ତ୍ତା ଶିବ ବିସୃଜନ
ଉଚ୍ଚାକାଂକ୍ଷୀ ମନ ଯାର ଇଚ୍ଛିଥିଲା
ସୌନ୍ଦର୍ଯ୍ୟର ରସ ଆସ୍ୱାଦନେ
ଶୃଙ୍ଗାର ପିୟୂଷୀ ମନ
ଇଛିଥିଲା ପିଇବାକୁ ରୂପର ମଦିରା
ଦେବେନ୍ଦ୍ର ସହସ୍ର ଯୋନ୍ୟା
ଋଷି ପ୍ରେୟସୀ ରମଣେ
ଚିର ଅଭିଶପ୍ତ, ଚିର ସନ୍ତାପିତ

ଜନକ ତନୟା ସୀତା
ରୂପ ରାଇଜର ରାଣୀ
ଶ୍ରୀରାମ ଅଙ୍କ ଶାୟିନୀ

ସତୀତ୍ୱେ ନିବୃତା
ମନ୍ଦୋଦରୀ ଠାରୁ ଶତଗୁଣେ
ବର୍ଣ୍ଣବିଭା ଉତ୍କର୍ଷିତା
ହେ ରାବଣ
ତୁମେଯେ ସ୍ଖଳିତ ହେବା ନୁହେ ଚମତ୍କାର
ତୁମେ କାଳେ ଇଚ୍ଛିଥିଲ
ହେବାପାଇଁ ମହାକାଳେ ଲୀନ
ଅନନ୍ତ ଐଶ୍ୱର୍ଯ୍ୟ ଦାତା,
ପରମ ମୁକ୍ତି ପ୍ରଦାୟୀ ଶ୍ରୀରାମର ଦେହେ
ଶାନ୍ତି, ଖ୍ୟାତି, ଅନନ୍ତ ପ୍ରାପ୍ତି ସନ୍ଧାନେ
କର୍ମ ବ୍ରହ୍ମୋ ଭବଂ ବିଦ୍ଧ
ବ୍ରହ୍ମାକ୍ଷର ସମୁଦ୍ଭବଂ
ତସ୍ମାତ ସର୍ବଗତ ବ୍ରହ୍ମ
ନିତ୍ୟ ଯଜ୍ଞେ ପ୍ରତିଷ୍ଠିତମ୍

ତୁଷ୍ଟି ପାଇଁ ,ସୃଷ୍ଟି ପାଇଁ ଆହେ ବୈଶ୍ରବଣ
ଆରମ୍ଭିଲ ମହାଯଜ୍ଞ ସ୍ୱର୍ଣ୍ଣମୟୀ ଲଙ୍କେ
ବଞ୍ଚିବାର ଉଦ୍ଦାମ ସଂଗ୍ରାମ
ଅଭିନବ ଉନ୍ମେଷିତ ଜ୍ଞାନ
ଉଦ୍ଦୀପିତ ଅନନ୍ତ ପ୍ରତିଭା

ସଞ୍ଚରିଲା କାମନା ଅନଳ
ସେହି ସାଧୁ ମନୁଷ୍ୟର
ପୂର୍ଣ ଅବୟବେ

ରାବଣ ହେ
ତୁମର ସଂହାରରେ କାଳେ
ପାପଭାରା ଲଭିଲା ସମାଧି
ତା ସହ ସମାଧି ନେଲା
କଳୁଷିତ ମାନବର ଉଦ୍‌ବେଳିତ ପ୍ରାଣ
ଆଉ ମାନବୀୟ ଏ ସୃଷ୍ଟିର
ବଞ୍ଚିବାର ଅସଦ୍ ପାଥେୟ ବର୍ଗ ❑ ❑ ❑

